# ଅଧ୍ୟାୟ 1

## 1.1 ଉପକ୍ରମ

ପ୍ରତ୍ୟକ୍ଷ ସୁବିଧା ଅନ୍ତରଣ (ଡିବିଟି) ହେଉଛି 1 ଜାନୁଆରୀ 2013 ରେ ଭାରତ ସରକାରଙ୍କ (ଜିଓଆଇ) ଦ୍ୱାରା ନିଆଯାଇଥିବା ଏକ ଉଦିଷ୍ଟ ପଦକ୍ଷେପ ଯାହାକି ପ୍ରଯୁକ୍ତିବିଦ୍ୟାର ପ୍ରଭାବଶାଳୀ ବ୍ୟବହାର ଦ୍ୱାରା କଲ୍ୟାଣକାରୀ ଯୋଜନାର ଅସୁବିଧା ଜନିତ ବିତରଣ ପ୍ରକ୍ରିୟାର ଉଦିଷ୍ଟ ହିତାଧିକାରୀଙ୍କ ପାଇଁ ଲାଭ ପ୍ରବାହରେ ହେଉଥିବା ବିଳମ୍ବକୁ ହ୍ରାସ କରିଥାଏ । ଏହା ବିତରଣ ପ୍ରକ୍ରିୟା ଯଥା ମଞ୍ଜୁରୀ ଦେୟ, ଇନ୍ଧନ ସବ୍‌ସିଡି, ଖାଦ୍ୟଶସ୍ୟ ସବ୍‌ସିଡି, ଇତ୍ୟାଦିରେ ଏକ ପରିବର୍ତ୍ତନ ଆଣିଛି, ଯାହାଦ୍ୱାରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଦେୟ ପଠାଯାଇ ପାରୁଛି ଏବଂ ଗଳନ ରୋକାଯାଇପାରୁଛି ।

କଲ୍ୟାଣକାରୀ ଯୋଜନାର ସୁବିଧା ପ୍ରଦାନ ପ୍ରକ୍ରିୟାରେ ଥିବା ବିଭିନ୍ନ ଅସୁବିଧାକୁ ଯେପରିକି ବହୁ ସଂସ୍ଥାର ସଂପୃକ୍ତି ଯୋଗୁଁ ଏକାଧିକ ସ୍ତରର ପ୍ରାଧିକରଣ, ବିଳମ୍ବିତ ପ୍ରଦାନ, ହିତାଧିକାରୀଙ୍କ ଭୁଲ୍ ଚୟନ, ଗଳନ/ ଚୋରି ଏବଂ ନକଲି ହିତାଧିକାରୀ ଇତ୍ୟାଦିର ସମାଧାନ କରିବା ପାଇଁ ଏହିଭଳି ପଦକ୍ଷେପର ଆବଶ୍ୟକତା ଉପୁଜି ଥିଲା ।

### *1.1.1 ପ୍ରତ୍ୟକ୍ଷ ସୁବିଧା ଅନ୍ତରଣର ଉଦ୍ଦେଶ୍ୟ*

ଡିବିଟି ହେଉଛି ଏକ ଶାସନ ବ୍ୟବସ୍ଥା ଯାହାକି ଏକ ସରଳ ଏବଂ ଉପଭୋକ୍ତା-ଅନୁକୂଳ ସରକାର, ଲୋକମାନଙ୍କ ପାଖରେ ପହଞ୍ଚିବା ପାଇଁ ସୁନିଶ୍ଚିତ କରେ ଏବଂ ଯୋଗ୍ୟ ବ୍ୟକ୍ତି, ପରିବାରକୁ ନ୍ୟାୟ, ସ୍ୱଚ୍ଛ, ଦକ୍ଷ ଏବଂ ନିର୍ଭରଯୋଗ୍ୟ ପଦ୍ଧତିରେ ପ୍ରାପ୍ୟ ପ୍ରଦାନ କରିଥାଏ । ଡ଼ିବିଟିର ଉଦ୍ଦେଶ୍ୟ ***ଚିତ୍ର 1*** ରେ ଦର୍ଶାଯାଇଛି ।

**Figure 1: Objectives of DBT**




ଯେକୌଣସି ସରକାର ପାଇଁ ଏହାର ନାଗରିକମାନଙ୍କୁ ଫଳପ୍ରଦ ଭାବରେ ସୁବିଧା ପ୍ରଦାନ କରିବା ପାଇଁ ପ୍ରଥମେ ହିତାଧିକାରୀମାନଙ୍କୁ ସଠିକ୍ ଭାବରେ ଚିହ୍ନଟ କରିବା ଓ ଦ୍ୱିତୀୟତଃ ସର୍ବନିମ୍ନ ମୂଲ୍ୟ/ ଅସୁବିଧା ସହିତ ସେମାନଙ୍କୁ ସୁବିଧା ଉପଲବ୍ଧ କରାଇବା ନିଶ୍ଚିତ କରିବା ଆବଶ୍ୟକ । ଡିବିଟି ଏକ ବିତରଣ ପ୍ରଣାଳୀ ଭାବରେ ଉଭୟ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟଗୁଡ଼ିକୁ ପୂରଣ କରିବାକୁ ନିଶ୍ଚିତ କରିବା ପାଇଁ ସମର୍ଥ ଅଟେ । ଡିବିଟିର ପ୍ରଭାବଶାଳୀ କାର୍ଯ୍ୟକାରିତାକୁ ନିଶ୍ଚିତ କରିବାକୁ କିଛି ପୂର୍ବ ଆବଶ୍ୟକତା ଅଛି ଯାହା ନିମ୍ନରେ ଦର୍ଶାଯାଇଛି:

- ଆଧାର ସଂଖ୍ୟା ସହିତ ହିତାଧିକାରୀଙ୍କ ଡାଟାବେସ୍‌ର ଡିଜିଟାଇଜେସନ୍
- ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବା
- ଡିଜିଟାଇଜଡ୍ ଡାଟାବେସ୍ ଏବଂ ବ୍ୟାଙ୍କ ଆକାଉଣ୍ଟ ସହିତ ଆଧାର ନମ୍ବର ଯୋଡ଼ିବା
- ମନ୍ତ୍ରଣାଳୟ/ ବିଭାଗରୁ ନଗଦ ସୁବିଧା, ସିଧାସଳଖ ହିତାଧିକାରୀଙ୍କୁ ରାଜ୍ୟ ଟ୍ରେଜେରୀ ମାଧ୍ୟମରେ କିମ୍ବା କେନ୍ଦ୍ର / ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଯେକୌଣସି କାର୍ଯ୍ୟକାରୀ ସଂସ୍ଥା ମାଧ୍ୟମରେ ପ୍ରଦାନ କରିବା ।

## 1.2 ଡିବିଟି ଅଧିନରେ ସୁବିଧା ପ୍ରଦାନ ପ୍ରକ୍ରିୟା

ଡିବିଟି ଦେୟ ପାଇଁ ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାନକ କାର୍ଯ୍ୟକାରୀ ପ୍ରଣାଳୀ (ଏସ୍‌ଓପି) ନିମ୍ନଲିଖିତ ପ୍ରକ୍ରିୟା ସ୍ଥିର କରିଛି:

(କ) ହିତାଧିକାରୀ ଚିହ୍ନଟ ଏବଂ ସେମାନଙ୍କ ନାମ ଡିବିଟି ସ୍କିମ୍ ପରିଚାଳନା ସଫ୍ଟୱେୟାରରେ ପଞ୍ଜିକରଣ;

(ଖ) ହିତାଧିକାରୀ ବୈଧତା/ ପିଏଫ୍‌ଏମ୍‌ଏସ୍‌ରେ ବୈଧିକରଣ (ଆଇଏଫ୍‌ଏମ୍‌ଏସ୍, ଓଡ଼ିଶା କ୍ଷେତ୍ରରେ);

(ଗ) ଦେୟ ଫାଇଲ ନିର୍ଦ୍ଦେଶାବଳୀର ସୃଷ୍ଟି; ଏବଂ

(ଘ) ଦେୟ ଫାଇଲର ପ୍ରକ୍ରିୟାକରଣ ଏବଂ ହିତାଧିକାରୀଙ୍କୁ ଦେୟ ପ୍ରଦାନ ।

### *1.2.1 ହିତାଧିକାରୀ ଚିହ୍ନଟ ଏବଂ ଡିବିଟି ଯୋଜନା ପରିଚାଳନା ସଫ୍ଟୱେୟାରରେ ନାମ ପଞ୍ଜୀକରଣ*

ପ୍ରଥମ ପଦକ୍ଷେପ ଭାବରେ, ସଂପୃକ୍ତ ଯୋଜନାର ଆବଶ୍ୟକତା ଅନୁଯାୟୀ, ହିତାଧିକାରୀମାନଙ୍କ ସଠିକ୍ ଚିହ୍ନଟ ଓ ସେମାନଙ୍କ ନାମ ଡିବିଟି ପରିଚାଳନା ସଫ୍ଟୱେୟାରରେ ପଞ୍ଜିକରଣ ହେବା ଆବଶ୍ୟକ । ଏହି ପର୍ଯ୍ୟାୟରେ, ପଞ୍ଜିକରଣ ସମୟରେ ହିତାଧିକାରୀଙ୍କ ଆଧାର ବୈଧିକରଣ ସହିତ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ବିବରଣୀ ମଧ୍ୟ ସଂଗ୍ରହ କରାଯାଏ ।

### *1.2.2 ହିତାଧିକାରୀ ବୈଧତା/ ପିଏଫ୍‌ଏମ୍‌ଏସ୍/ଆଇଏଫ୍‌ଏମ୍‌ଏସ୍ ରେ ପଞ୍ଜିକରଣ*

ବ୍ୟାଙ୍କ ଆକାଉଣ୍ଟ/ ପୋଷ୍ଟାଲ ଆକାଉଣ୍ଟର ବୈଧିକରଣ କିମ୍ବା ଏନ୍‌ପିସିଆଇର ଆଧାର ମ୍ୟାପର ଦ୍ୱାରା ଆଧାର ବୈଧିକରଣ ଭିତରୁ କୌଣସି ଏକ ସଂପାଦନା ହେଲାପାରେ ପିଏଫ୍‌ଏମ୍‌ଏସ୍/ ଆଇଏଫ୍‌ଏମ୍‌ଏସ୍‌ରେ ହିତାଧିକାରୀଙ୍କ ପଞ୍ଜିକରଣ କରାଯାଏ ।

### *1.2.3. ଦେୟ ଫାଇଲ୍ ନିର୍ଦ୍ଦେଶାବଳୀର ସୃଷ୍ଟି*

ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ହିତାଧିକାରୀଙ୍କ ପାଇଁ ଯୋଗ୍ୟତା ସର୍ତ୍ତଗୁଡ଼ିକ ସଫଳତାର ସହିତ ବୈଧ ହେବା ପରେ ଡିବିଟି ଯୋଜନା ପୋର୍ଟାଲ ବ୍ୟବହାର କରି ଦେୟ ନିର୍ଦ୍ଦେଶ ଫାଇଲ୍ ଗୁଡ଼ିକ ସୃଷ୍ଟି କରାଯାଏ ।

### *1.2.4. ଦେୟ ଫାଇଲ୍‌ର ପ୍ରକ୍ରିୟାକରଣ ଏବଂ ହିତାଧିକାରୀଙ୍କୁ ଦେୟ ପ୍ରଦାନ*

ଥରେ ଦେୟ ପ୍ରଦାନ ନିର୍ଦ୍ଦେଶ ପ୍ରାପ୍ତ ହେଲା ପରେ, ଏହାକୁ ରାଜ୍ୟ ଟ୍ରେଜେରୀ ଆକାଉଣ୍ଟ ମାଧ୍ୟମରେ ହିତାଧିକାରୀଙ୍କ ଆକାଉଣ୍ଟକୁ ପ୍ରେରଣ କରାଯାଏ । ଦେୟ ପ୍ରଦାନ ସୂଚନା (ସଫଳ/ ଅସଫଳ) ପ୍ରାପ୍ତିର ମୋଟ୍ ସର୍ବୋଚ୍ଚ ସମୟସୀମା T+4 କାର୍ଯ୍ୟ ଦିବସ, ଯେଉଁଠାରେ T ହେଉଛି କାରବାରର ଦିନ ଯେତେବେଳେ, ପିଏଫ୍‌ଏମ୍‌ଏସ୍ ଦ୍ୱାରା ଦେୟ ପ୍ରଦାନ ପ୍ରକ୍ରିୟାକରଣ ପାଇଁ ପ୍ରାଧିକାର ସହିତ ଦେୟ ପ୍ରଦାନ ଫାଇଲ୍ ପ୍ରାପ୍ତ ହୁଏ । ଦେୟ ପ୍ରଦାନ ପ୍ରକ୍ରିୟା (ସଫଳ/ ଅସଫଳ) ପରେ, ଦେୟ ପ୍ରଦାନ ଫାଇଲ ପ୍ରସ୍ତୁତକାରୀଙ୍କ ନିକଟରେ ସୂଚନା ଫାଇଲ ଉପସ୍ଥାପନ କରିବାର ସର୍ବୋଚ୍ଚ ଅନୁମୋଦିତ ସମୟ 4 ଦିନ ଅଟେ ।

## 1.3 ସାଙ୍ଗଠନିକ ଢାଞ୍ଚା

### *1.3.1 କେନ୍ଦ୍ର ସରକାର ସ୍ତରରେ ଡିବିଟିର ସଂଗଠନ*

ତତ୍‌କାଳୀନ ଯୋଜନା ଆୟୋଗଙ୍କ ଦ୍ୱାରା ଡିବିଟି ମିଶନ ଆରମ୍ଭ କରାଯାଇଥିଲା (ଜାନୁଆରୀ 2013) ଏବଂ ପରବର୍ତ୍ତୀ ସମୟରେ ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ (ଡିଓଇ)କୁ ସ୍ଥାନାନ୍ତର କରାଯାଇଥିଲା (ଜୁଲାଇ 2013) । ଅଧିକ ପ୍ରୋତ୍ସାହନ ଦେବା ପାଇଁ, ଡିବିଟି ମିଶନ ଓ ତତ୍‌ସମ୍ବନ୍ଧୀୟ ବିଷୟଗୁଡ଼ିକୁ ସେପ୍ଟେମ୍ବର 2015 ଠାରୁ କ୍ୟାବିନେଟ୍ ସଚିବାଳୟରେ ସଚିବ (ସମନ୍ୱୟ ଏବଂ ପିଜି)ଙ୍କ ଅଧୀନରେ ରଖାଯାଇଥିଲା ।

କେନ୍ଦ୍ର ସରକାରଙ୍କ ଦ୍ୱାରା ଫେବୃଆରୀ 2015 ରେ ଡିବିଟି ପାଇଁ ଏକ ବୈଦ୍ୟୁତିକ ଦେୟ ପ୍ରଦାନ ଢାଞ୍ଚା ପ୍ରସ୍ତୁତ କରାଯାଇଥିଲା । ଏହି ଢାଞ୍ଚାକୁ ସମସ୍ତ ମନ୍ତ୍ରଣାଳୟ/ ବିଭାଗ ଅନୁସରଣ କରି ସମସ୍ତ କେନ୍ଦ୍ରୀୟ କ୍ଷେତ୍ର/ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଓ ନଗଦ ଉପାଦାନ ଗୁଡ଼ିକ ବ୍ୟକ୍ତିଗତ ହିତାଧିକାରୀଙ୍କୁ ସ୍ଥାନାନ୍ତରିତ ହେବା ପାଇଁ ଥିବା ସମସ୍ତ ଯୋଜନା ପାଇଁ ଏହି ଢାଞ୍ଚା ପ୍ରଯୁଜ୍ୟ । ରାଜ୍ୟ ସ୍ତରରେ ଡିବିଟି ଢାଞ୍ଚା ପ୍ରତିଷ୍ଠା ବାବଦରେ ଭାରତ ସରକାର ଜୁନ୍ 2017 ରେ ପୁନଃ ମାର୍ଗଦର୍ଶିକା ଜାରି କରିଥିଲେ ।

ଦେଶର ସମସ୍ତ ଡିବିଟି ସୂଚନା ପାଇଁ ଡିବିଟି ଭାରତ ପୋର୍ଟାଲକୁ ଏକ ଜାତୀୟ ଏଗ୍ରିଗେଟର ଭାବରେ କଳ୍ପନା ଏବଂ ବିକଶିତ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଗଷ୍ଟ 2016 ରେ ଉନ୍ମୋଚିତ ହୋଇଥିଲା ।

### *1.3.2 ଡିବିଟି ପାଇଁ ରାଜ୍ୟସ୍ତରୀୟ ଢାଞ୍ଚା*

ଅର୍ଥ ବିଭାଗର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ଓଡ଼ିଶା ସରକାର (ଜିଓଓ) ଅକ୍ଟୋବର 2016 ରେ ଏକ ରାଜ୍ୟ ଡିବିଟି ସେଲ୍ ପ୍ରତିଷ୍ଠା କରିଥିଲେ । ଏଥିରେ ମୁଖ୍ୟ ସଚିବ, ଅର୍ଥ ବିଭାଗ, ରାଜ୍ୟ ସ୍ତରୀୟ ଡିବିଟି ସଂଯୋଜକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ଡିବିଟି ସଂଯୋଜକଙ୍କୁ ପ୍ରଶାସନିକ କାର୍ଯ୍ୟ ପାଇଁ ଜଣେ ସ୍ୱତନ୍ତ୍ର କାର୍ଯ୍ୟ ଅଧିକାରୀ ଏବଂ ଏକ ବୈଷୟିକ ସହାୟତା ଦଳ ସହାୟତା କରନ୍ତି, ଯାହା ପ୍ରଥମେ ଦୁଇ ବର୍ଷ (2017-19)[1] ପାଇଁ ବିଶ୍ୱ ବ୍ୟାଙ୍କ ଦ୍ୱାରା ନିୟୋଜିତ ହୋଇଥିଲା । ଡିବିଟି ସେଲ୍, ରାଜ୍ୟ ଡିବିଟି ପରାମର୍ଶଦାତା ବୋର୍ଡର ସାମଗ୍ରିକ ମାର୍ଗଦର୍ଶନରେ କାର୍ଯ୍ୟ କରେ ଯାହାକି ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଗଠିତ ହୋଇଥିଲା (ସେପ୍ଟେମ୍ବର 2016) ।

ଡିବିଟି ସଂରଚନାରେ ରାଜ୍ୟ ସ୍ତରୀୟ ସଂଗଠନ ନିମ୍ନ ଚାର୍ଟରେ ଦର୍ଶାଯାଇଛି:

***ଚାର୍ଟ 1.1: ଡିବିଟି ସଂରଚନାରେ ରାଜ୍ୟ ସ୍ତରୀୟ ସଂଗଠନ***




ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନ ସହିତ ଜଡିତ ଜ୍ଞାନକୌଶଳ ପ୍ରାପ୍ତି ଏବଂ ଡିବିଟି ଅନ୍ତର୍ଗତ ସମସ୍ତ ପ୍ରୟାସର ସମନ୍ୱୟ ପାଇଁ ରାଜ୍ୟ ଡିବିଟି ସେଲ୍ ଏକ ମାତ୍ର ସଂସ୍ଥା ଭାବରେ କାର୍ଯ୍ୟ କରେ । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ଜୁନ୍ 2018 ରେ ଗୋଟିଏ ରାଜ୍ୟ ଡିବିଟି ପୋର୍ଟାଲର ଉନ୍ମୋଚନ ହୋଇଥିଲା ଯାହା ରାଜ୍ୟ ସ୍ତରରୁ ଗ୍ରାମ ପଞ୍ଚାୟତ (ଜିପି) ସ୍ତର ପର୍ଯ୍ୟନ୍ତ ଚାଲିଥିବା ଯୋଜନା ପାଇଁ ଡିବିଟିର ଅସଙ୍ଗଠିତ ତଥ୍ୟର ପ୍ରଦର୍ଶନ ପାଇଁ ଏକ ଡ୍ୟାସ୍ ବୋର୍ଡ ଭାବରେ କାର୍ଯ୍ୟ କରିଥାଏ । ଅଧିକନ୍ତୁ, ରାଜ୍ୟର ଡିବିଟି ପୋର୍ଟାଲ, ଜାତୀୟ ଡିବିଟି ପୋର୍ଟାଲ, ପବ୍ଲିକ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ (ପିଏଫ୍ଏମ୍ଏସ୍[2]), ରାଜ୍ୟ କାର୍ଯ୍ୟକାରୀ ଏଜେନ୍ସିର[3] ପୋର୍ଟାଲ ଏବଂ ରାଜ୍ୟ ଟ୍ରେଜେରୀର ଇଣ୍ଟିଗ୍ରେଟେଡ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଏଫ୍ଏମ୍ଏସ୍[4]) ସହିତ ସଂଯୋଗ ହେବା ଆବଶ୍ୟକ ।

---

1 ବିଶ୍ୱ ବ୍ୟାଙ୍କ ଦଳ ମାର୍ଚ୍ଚ 2021 ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲା

2 ପବ୍ଲିକ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ (ପିଏଫ୍ଏମ୍ଏସ୍) ହେଉଛି ଏକ ୱେବ୍-ଆଧାରିତ ଅନଲାଇନ୍ ସଫ୍ଟୱେୟାର ଆପ୍ଲିକେସନ ଯାହାକି ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ଅଧୀନରେ ଥିବା କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ୍ ଦ୍ୱାରା ବିକଶିତ ଏବଂ କାର୍ଯ୍ୟକାରୀ ହୋଇଛି

3 ପ୍ରେରଣା, ଇମେଧାବୃତ୍ତି, ଓଡ଼ିଶା ରାଜ୍ୟ ସ୍କଲାରସିପ୍ ପୋର୍ଟାଲ, ଛାତ୍ର ଏକାଡେମିକ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ

4 ଇଣ୍ଟିଗ୍ରେଟେଡ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଏଫ୍ଏମ୍ଏସ୍) ହେଉଛି ଏକ ଆଇଟି ସିଷ୍ଟମ ଯାହା ଓଡ଼ିଶା ସରକାରଙ୍କ ଆବଶ୍ୟକତା ଅନୁଯାୟୀ ଦେୟ, ରିପୋର୍ଟ, ବଜେଟ ଇତ୍ୟାଦି କରିବା ପାଇଁ ପରିକଳ୍ପିତ

### *1.3.3 ଓଡ଼ିଶାରେ ଡିବିଟିର କାର୍ଯ୍ୟକାରିତା ସ୍ଥିତି*

କେନ୍ଦ୍ର ସରକାରଙ୍କ ଦ୍ୱାରା 20 ଟି ଜିଲ୍ଲାରେ ଜାନୁଆରୀ 2013 ରେ ଡିବିଟି ମାଧ୍ୟମରେ ସୁବିଧା ବିତରଣ ଆରମ୍ଭ ହୋଇଥିଲା ଏବଂ ମାର୍ଚ୍ଚ 2021 ସୁଦ୍ଧା ଭାରତ ସରକାରଙ୍କ 54 ଟି ମନ୍ତ୍ରଣାଳୟ ଅନ୍ତର୍ଗତ 310 ଟି ଯୋଜନାରେ ଡିବିଟି ଲାଗୁ କରାଯାଇଥିଲା । ରାଜ୍ୟ ଅର୍ଥ ବିଭାଗ ଅଧୀନରେ ଥିବା ଡିବିଟି ସେଲ୍ 29 ଟି ଯୋଜନାରେ (21 ଟି କେନ୍ଦ୍ରୀୟ ଏବଂ 8 ଟି ରାଜ୍ୟ) ଡିବିଟି ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ ମୂଲ୍ୟାଙ୍କନ କରିଥିଲା ଯେଉଁଥିରୁ ଡିବିଟି ସେଲ୍ ମାର୍ଚ୍ଚ 2021 ସୁଦ୍ଧା କେବଳ ସାତଟି[5] ବିଭାଗ ସମ୍ବନ୍ଧୀୟ 22 ଟି ଯୋଜନା ଉପରେ ରାଜ୍ୟ ଡିବିଟି ପୋର୍ଟାଲରେ ଉପସ୍ଥାପନା କରିବାରେ ସକ୍ଷମ ହୋଇଥିଲା, ଯେଉଁଥିରେ ଏସ୍‌ଟି/ ଏସ୍‌ସି/ ଓବିସି/ ଇବିସି ଛାତ୍ରୀଛାତ୍ରମାନଙ୍କ ପାଇଁ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ଏବଂ ମେଧାବୃତ୍ତି ଯୋଜନା ଅନ୍ତର୍ଭୁକ୍ତ, ଯାହା ସମ୍ପାଦନ ସମୀକ୍ଷା ପାଇଁ ମନୋନୀତ ହୋଇଅଛି ।

ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତରର ସଫଳ ଏବଂ ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ଉପରେ ବର୍ଣ୍ଣିତ ଡିବିଟି ଢାଞ୍ଚା ଯାହା କେନ୍ଦ୍ରୀୟ ମନ୍ତ୍ରଣାଳୟ ସହିତ ଡିବିଟି ମିଶନର ସମନ୍ୱୟ ଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ରାଜ୍ୟ ସହିତ ସମନ୍ୱୟ ରକ୍ଷା କରେ ଏବଂ ରାଜ୍ୟ ଡିବିଟି ସେଲ୍‌କୁ ସହାୟତା ପ୍ରଦାନ କରେ, ତାହା ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ ହେବା ଆବଶ୍ୟକ । ଉଦ୍ଦିଷ୍ଟ ପ୍ରାପ୍ତିକାରୀଙ୍କ ନିକଟରେ ସଠିକ୍ ନିରପେକ୍ଷ, ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ ଭାବରେ ସୁବିଧା ପହଞ୍ଚିବା ବିଷୟକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ସୁବିଧା ପ୍ରଦାନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ସମସ୍ତ ରାଜ୍ୟ ବିଭାଗ ତଥା ଜିଲ୍ଲା/ ବ୍ଲକ୍/ ପଞ୍ଚାୟତ ପ୍ରଶାସନକୁ ସହାୟତା ପ୍ରଦାନ କରିବାରେ ରାଜ୍ୟ ଡିବିଟି ସେଲ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

---

5 କୃଷି ଏବଂ କୃଷକଙ୍କ ସଶକ୍ତିକରଣ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ଉଚ୍ଚଶିକ୍ଷା, ଗୃହ ଏବଂ ନଗର ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଏସ୍‌ଟି ଏବଂ ଏସ୍‌ସି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗର କଲ୍ୟାଣ ଏବଂ ମହିଳା ଏବଂ ଶିଶୁ ବିକାଶ ବିଭାଗ